بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୬ ଏପ୍ରିଲ୍ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

**ଆମମାନଙ୍କୁ ପବିତ୍ର ରମ୍‌ଜାନ୍ ମାସରେ ଏହି ଉଦ୍ୟମ କରିବା ଉଚିତ ଯେ, ଆମେମାନେ ଅଲ୍ଲାଃତାଲାଙ୍କ ସାମିପ୍ୟତାକୁ ପ୍ରାପ୍ତ କରିବା ପାଇଁ ତାହାଙ୍କ ଆଦେଶ ଉପରେ ପରିଚାଳିତ ହୋଇ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବା ଯେଉଁ ଲୋକମାନଙ୍କର ଦୁଆ ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣ ହୋଇଥାଏ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ ସୁରତୁଲ୍ ବକ୍ରାର ୧୮୪ରୁ୧୮୭ ନମ୍ବର ଆୟତର ଆବୃତ୍ତି ଏବଂ ଅନୁବାଦ ଉପସ୍ଥାପିତ କରିବା ପରେ କହିଲେ: ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ଆମମାନଙ୍କୁ ପୁନର୍ବାର ରମାଜ଼ାନ ମାସ ଦେଇ ଅତିକ୍ରମ କରିବାର ସୁଯୋଗ ପ୍ରାପ୍ତ ହୋଇଛି । ଆମମାନଙ୍କୁ ସ୍ମରଣ ରଖିବା ଉଚିତ ଯେ, କେବଳ ରମଜାନ ମାସକୁ ପ୍ରାପ୍ତ କରିବା, ସହରି (ପ୍ରାତାହାର) ଏବଂ ଇଫ୍‌ତାରି (ଓଷା ଫିଟାଇବା) କରିବା ଯଥେଷ୍ଟ ନୁହେଁ । ବରଂ ରୋଜ଼ା ସହିତ ଆମମାନଙ୍କୁ ନିଜ ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବାର ଆଦେଶ ମଧ୍ୟ ଦିଆଯାଇଛି । ରୋଜ ସଂପର୍କରେ ଅଲ୍ଲାଃତାଲା ଆମମାନଙ୍କୁ କେତେକ ଆଦେଶ ଦେଇଛନ୍ତି । ଯେଉଁ ଆଦେଶ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ଆମେମାନେ ଅଲ୍ଲାଃତାଲାଙ୍କ ସାମିପ୍ୟତା ଲାଭ କରିବା ସଙ୍ଗେ ସଙ୍ଗେ ଆମମାନଙ୍କର ଦୁଆ ମଧ୍ୟ ସ୍ୱୀକୃତି ହେବାର ନାଦ ଦେଇଛନ୍ତି । ମୁଁ ଯେଉଁ ଆୟତର ଆବୃତ୍ତି କରିଅଛି ତହିଁରେ ଅଲ୍ଲାଃତାଲା ରୋଜ଼ାର ବାଧ୍ୟତାମୂଳକା ହେବାର ପ୍ରସଙ୍ଗ ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି। ଅର୍ଥାତ ଯେଉଁ ବ୍ୟକ୍ତି ଏହି ପବିତ୍ର ମାସରେ ରୋଗାଗ୍ରସ୍ତ ବା ଯାତ୍ରୀ ନଥାଇ ଗୃହରେ ଉପସ୍ଥିତ ଥିବ ତା' ପାଇଁ ସେହି ମାସରେ ରୋଜା ରଖିବା ଉଚିତ ଏବଂ ଯେଉଁ ବ୍ୟକ୍ତି ରୋଗରେ ପିଡ଼ୀତ ଥାଏ ବା ଯାତ୍ରା କରୁଥାଏ ତାହାକୁ ଅନ୍ୟାନ୍ୟ ଦିନରେ ଏହି ସଂଖ୍ୟା ପୂରଣ କରିବାକୁ ହେବ । ସେହିପରି ଅଲ୍ଲାଃତାଲା ଏହି ପବିତ୍ର ମାସରେ ପବିତ୍ର କୁରଆନ କରୀମର ମହତ୍ତ୍ୱ ଏବଂ ଗୁରତ୍ତ୍ୱ ସଂପର୍କରେ ବର୍ଣ୍ଣନା କରିଛନ୍ତି । ଅତଏବ ଅଲ୍ଲାଃତାଲା କହନ୍ତି ରମ୍‌ଜାନ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କୁରଆନ ଅବତୀର୍ଣ୍ଣ ହୋଇଅଛି । ଏହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ ରୂପେ ପ୍ରେରିତ ହୋଇଅଛି ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଛି ଏବଂ ଏପରି ପ୍ରମାଣମାନ ଯାହା ସତ୍‌ପଥ ପ୍ରଦର୍ଶିତ କରେ ଏବଂ ତତ୍‌ସଙ୍ଗେ ନିଦର୍ଶନମାନ ମଧ୍ୟ ରହିଅଛି । ପୁନଶ୍ଚ ଅଲ୍ଲାଃତାଲା ଆମମାନଙ୍କୁ ଏହି ଶୁଭସମାଚାର ଦେଇଛନ୍ତି ଯେ, ହେ ନବୀ ! ତୁମ୍ଭେ ନିଜ ଭକ୍ତଙ୍କୁ କହିଦିଅ ଯେ, ଯେତେବେଳେ ଆମ୍ଭ ଭକ୍ତମାନେ ତୁମ୍ଭକୁ ଆମ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ ।

ଦୁଆ ଗ୍ରହଣୀୟ ହେବା ନିମନ୍ତେ କେତେକ ସର୍ତ୍ତ ରହିଛି, ଆମେମାନେ ଯେତେବେଳେ ସେହି ସର୍ତ୍ତାନୁଯାୟୀ ନିଜ ଦୁଆରେ ସୁନ୍ଦରତା ଆଣିବା ସେତେବେଳେ ଅଲ୍ଲାଃତାଲାଙ୍କୁ ନିଜ ସାମିପ୍ୟରେ ଏବଂ ନିଜ ଦୁଆକୁ ସ୍ୱୀକୃତ ହୋଇଥିବାର ପାଇବା । ବର୍ତ୍ତମାନ ମୁଁ ଦୁଆର ଗୁରୁତ୍ୱତା ଏବଂ ଦୁଆ ଗ୍ରହଣୀୟ ହେବାର ସର୍ତ୍ତ ଏବଂ ଦର୍ଶନତ୍ତ୍ୱ ସଂପର୍କରେ ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ଉକ୍ତି ଉଦ୍ଧୃତ କରିବି । ଦୁଆ ଗ୍ରହଣୀୟ ହେବା ପ୍ରସଙ୍ଗରେ ସର୍ବ ପ୍ରଥମେ ଏହି କଥା ସ୍ମରଣ ରଖିବା ଉଚିକ ଯେ, ପ୍ରଥମେ ଭକ୍ତ ହିଁ ପାଦ ଆଗକୁ ବଢାଇବା ପ୍ରଯୁଜ୍ୟ ଯେତେବେଳେ ତା'ର ପ୍ରୟାସ ଚରମ ସୀମାରେ ପହଞ୍ଚେ ସେତେବେଳେ ଅଲ୍ଲାଃତାଲାଙ୍କ ଦୟା, କରୁଣା ଏବଂ ଭକ୍ତ ବତ୍ସଳତା ଭାବବିହ୍ୱଳିତ ହୋଇଥାଏ । ହଜ଼ରତ ମସିହ

ମଉଦ ଅ.ସ କହନ୍ତି: ଦୁଆ ହେଉଛି ଇସ୍‌ଲାମ୍‌ର ଗର୍ବ ଏବଂ ମୁସଲମାନମାନେ ଏଥି ସକାଶେ ଗର୍ବିତ ହୁଅନ୍ତି । ଦୁଆ କହିଲେ ବକ ବକ ହେବା ନୁହେଁ । ବରଂ ଦୁଆ ହେଉଛ ଏଭଳି ଏକ କାର୍ଯ୍ୟ ଯଦ୍ୱାରା ମନରେ ଅଲ୍ଲାଃତାଲାଙ୍କର ଭୟ ଭରି ଯାଇଥାଏ ଏବଂ ଆତ୍ମା ଈଶ୍ୱରଙ୍କ ଦ୍ୱାରରେ ସମାଧିସ୍ଥ ହୋଇଥାଏ । ଏହା ହେଉଛି ସେହି ଅବସ୍ଥା ଯାହାକୁ ଅନ୍ୟ ନାମରେ ମୃତ୍ୟୁ ବୋଲି କୁହାଯାଏ ।

ଦୁଆ ଗ୍ରହଣୀୟ ହେବାର ପ୍ରସଙ୍ଗକୁ ବର୍ଣ୍ଣନା କରି ହ. ମସିହ ମଉଦ ଅ.ସ କହନ୍ତି ଯେ, ଦୁଆ ଗ୍ରହଣୀୟ ନହେବା ବାସ୍ତବରେ ଦୁଆର ହିଁ ଶାଖା ଅଟେ । ଦୁଆର ସାର ତଥା ସ୍ଥିତି ଏହା ଯେ, ଜଣେ ପୁଣ୍ୟ ଭକ୍ତ ଓ ତା'ର ପାଳନକର୍ତ୍ତାଙ୍କ ମଧ୍ୟରେ ସଂପର୍କର ଆକର୍ଷଣକୁ ବୁଝାଏ । ଯେତେବେଳେ ଭକ୍ତ କୌଣସି ଜଟିଳ ସମସ୍ୟାରେ ପ୍ରପିଡ଼ୀତ ହୋଇ ଅଲ୍ଲାଃତାଲାଙ୍କ ଆଡ଼କୁ ପୂର୍ଣ୍ଣ ବିଶ୍ୱାସ, ପୂର୍ଣ୍ଣ ପ୍ରେମ ଏବଂ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ଆନତ ହୋଇ ଅବଚେତନର ପରଦାକୁ ବିଦୀର୍ଣ୍ଣ କରି ବିଲୀନ ହେବାର ଭୂମିରେ ଆଗକୁ ଅଗ୍ରସର ହୁଏ ଏବଂ ଅଲ୍ଲାଃତାଲାଙ୍କ ଦରବାରରେ ତା'ର ଆତ୍ମା ମୁଣ୍ଡ ରଖି ଦେଇଥାଏ । ସେତେବେଳେ ସେହି ଭକ୍ତ ମଧ୍ୟରେ ଥିବା ଆକର୍ଷଣ ଶକ୍ତି ଅଲ୍ଲାଃତାଲାଙ୍କ ଅନୁଗ୍ରହତାକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ।

ଯେଉଁଭଳି ଭାବରେ ଉର୍ଦ୍ଧ୍ୱ ହଜାର ଚମତ୍କାର ଅବତାରମାନଙ୍କ ଦ୍ୱାରା ଆବିର୍ଭୂତ ହୋଇଛି କିମ୍ବା ପବିତ୍ର ସାଧୁ ସନ୍ଥମାନେ ଆଜି ପର୍ଯ୍ୟନ୍ତ ସେମାନଙ୍କର ଅଲୌକିକତା ଓ ଚମତ୍କାରିତା ପ୍ରଦର୍ଶନ କରି ଆସିଛନ୍ତି, ସେହି ସମସ୍ତ ଅଲୌକିକତା ଏବଂ ଚମତ୍କାରର ନିର୍ଝର ଦୁଆ ଅଟେ । ଦୁଆର ପ୍ରଭାବ ଯୋଗୁଁ ହିଁ ଈଶ୍ୱରଙ୍କ ବିଭିନ୍ନ ପ୍ରକାରର ଅଲୌକିକମୂଳକ ଏବଂ ଅଭୂତପୂର୍ବ ଚମତ୍କାର ପ୍ରଦର୍ଶନ କରୁଛନ୍ତି ।

ଅଲ୍ଲାଃତାଲା କହନ୍ତି ଯେଉଁ ବ୍ୟକ୍ତିମାନେ ଆମ୍ଭ ସହିତ ଆମ୍ଭ ମାର୍ଗରେ ମିଳିତ ହେବା ପାଇଁ ଉଦ୍ୟମ କରନ୍ତି ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାକୁ ସୁଯୋଗ ପ୍ରଦାନ କରିବୁ । ତେଣୁ ଅଲ୍ଲାଃତାଲ ଉଦ୍ୟମ ସର୍ବପ୍ରଥମେ ଭକ୍ତ ଉପରେ ନ୍ୟସ୍ତ କଲେ, ଏହାପରେ ଭକ୍ତକୁ ଏହି ଦୁଆ ଶିଖାଇଲେ ଯେ, ହେ ପ୍ରଭୁ ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିତ କରାଅ ଏବଂ ଆମର ମାର୍ଗଦର୍ଶନ କର । ଅତଏବ ମନୁଷ୍ୟ ପାଇଁ ଏହା ଆବଶ୍ୟକ ଯେ, ସେ ଏହି କଥାକୁ ଗୁରୁତ୍ୱ ଦେଇ ନମଜ଼ାରେ ଆର୍ତ୍ତ ଚିତ୍କାର କରି ପ୍ରାର୍ଥନା କରୁ । ସେହି ନୈସର୍ଗିକ ସଂସାରକୁ ଦେଖିବାକୁ ହେଲେ ଆମମାନଙ୍କୁ ନିଜର ଚକ୍ଷକୁ ଈଶ୍ୱରଙ୍କ ଆଡ଼କୁ ଆନତ କରିବାକୁ ହେବ ।

ଅତଏବ ଏହି ଦିନମାନଙ୍କରେ **ଇହଦିନାସ୍ ସିରାତଲ ମୁସ୍ତକିମ୍**ର ଦୁଆ ବହୁତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିତ କରାନ୍ତୁ ଏବଂ ହୃଦୟକୁ ପବିତ୍ର କରି ପ୍ରକୃତ ଉପାସନାକାରୀରେ ପରିଣତ କରନ୍ତୁ ଏବଂ ଅଲ୍ଲାଃତାଲାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନକାରୀ କରନ୍ତୁ । ଆଜିକାଲି ଯେଉଁଭଳି ଭାବରେ ଚରମପନ୍ଥୀମାନେ ଅସତ୍‌ମାର୍ଗ ଆପଣାଇଛନ୍ତି ଏବଂ ଅଲ୍ଲାଃ ଓ ରସୁଲଙ୍କ ନାମରେ ଭଣ୍ଡାମୀ ଏବଂ ନିରୀହ ଲୋକଙ୍କ ଉପରେ ଆମାନୁସିକ ଅତ୍ୟାଚାର କରୁଛନ୍ତି, ଆମେମାନେ ସେମାନଙ୍କ ପରି ନହୋଇଯାଉ ।

କେତେକ ଲୋକ କହି ଦିଅନ୍ତି ଯେ, ଆମେମାନେ ତ' ମହାପାପି ହୋଇ ଯାଇଛେ, ଭଗବନ ଆମମାନଙ୍କୁ ଆଉ କ୍ଷମା ପ୍ରଦାନ କରିବେ ନାହିଁ । ଏହି ସମସ୍ତ ସନ୍ଦେହ ଓ ଦୁର୍ବଳତା ଶୈତାନ୍ ସେହି ଲୋକମାନଙ୍କ ହୃଦୟରେ ଉତ୍ପନ୍ନ କରୁଛି ଯେଉଁମାନଙ୍କର ବିଶ୍ୱାସ ଅଲ୍ଲାଃତାଲାଙ୍କ ପ୍ରତି ଦୁର୍ବଳ ହୋଇଯାଇଛି । ହ. ମସିହ ମଉଦ ଅ.ସ ଶୈତାନ୍‌ର ଏହି ଆକ୍ରମଣରୁ ବର୍ତ୍ତିବା ଏବଂ ସୁରକ୍ଷିତ ରହିବାର ଉପାୟ ମଧ୍ୟ କହିଛନ୍ତି । ଅତଏବ ହ. ମସିହ ମଉଦ ଅ.ସ କହନ୍ତି ଯେ, ପାପ କର୍ମ କରୁଥିବା ବ୍ୟକ୍ତି ପାପର ବହୁଳତା ଯୋଗୁଁ ଦୁଆ କରିବାରୁ କଦାପି ନିବୃତ୍ତ ନରହୁ । ଯେଉଁ ଲୋକମାନେ ବିଦ୍ରୋହାତ୍ମକତାରେ ବୁଡ଼ି ଦୁଆର ଗ୍ରହଣୀୟତା ଠାରୁ ହତୋତ୍ସାହିତ ରୁହନ୍ତି ଏବଂ କ୍ଷମା ଯାଚନା ଆଡ଼କୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ, ଫଳତଃ ସେମାନେ ଅବତାର ଏବଂ ଅବତାରମାନଙ୍କର ପ୍ରଭାବ ତଥା ଚମତ୍କାରକୁ ମଧ୍ୟ ପ୍ରତ୍ୟାଖ୍ୟାନ କରି ବସନ୍ତି ।

ହ. ମସିହ ମଉଦ୍ ଅ.ସ ନିଜର ପବିତ୍ର ଶୂନ୍ୟବାଣୀ "**ଉଜିବୁ କୁଲ୍ଲା ଦୁଆଇକା**"ର ଚର୍ଚ୍ଚା କରି କହନ୍ତି ଯେ, **କୁଲ୍ଲା**ରୁ ଯଥାର୍ଥ ଏହା ଯେ, ଯାହାକୁ ନଶୁଣିବା ଦ୍ୱାରା କ୍ଷତି ପହଞ୍ଚି ଥାଏ । ଯଦି ଅଲ୍ଲାଃତାଲା ପ୍ରଶିକ୍ଷଣ ଓ ସଂସ୍କାରକୁ ଦୃଷ୍ଟିରେ ରଖି

ଦୁଆ ରଦ୍ଦ କରନ୍ତି ତେବେ ତାହା ହିଁ ଦୁଆର ଗ୍ରହଣୀୟ ହେବା ଅଟେ । ପ୍ରକୃତ ରହସ୍ୟ ଏବଂ ଗୋପନୀୟତା ଏହା ହିଁ ଯେ, ଦୁଆକାରୀର ମଙ୍ଗଳ ଓ ଉପକାର ତାହାର ଦୁଆକୁ ରଦ୍ଦ କରିବାରେ ହିଁ ଅନ୍ତର୍ନିହିତ । ଦୁଆ ଗ୍ରହଣ କରିବାରେ ଅଲ୍ଲାଃତାଲା ଆମମାନଙ୍କର ଆଶା ଓ ଇଚ୍ଛାର ଅଧୀନ ନୁହନ୍ତି । ମୁଁ ସ୍ୱୟଂ ଏ ସଂପର୍କରେ ଅଭିଜ୍ଞତା ରଖୁଛି । ଅର୍ଥାତ ଯେତେବେଳେ ଆମେ ଦୁଆ କରୁ ଯଦି ତହିଁରେ କୌଣସି କ୍ଷତି ନିହିତ ଥାଏ ତେବେ ଦୁଆ କଦାପି ଗ୍ରହଣୀୟ ହୋଇ ନଥାଏ ।

ହୁଜୁର ଅନୱର ଅ.ବ କହିଲେ: ଦୈନିକ ମୋତେ ଡ଼ାକ ଯୋଗେ ଲୋକମାନଙ୍କର ଅସଂଖ୍ୟ ପତ୍ର ହସ୍ତଗତ ହୁଏ । ସେମାନେ ପତ୍ରରେ ଦୁଆ ସଂପର୍କରେ ଲେଖନ୍ତି ଏବଂ ବଳପୂର୍ବକ କୌଣସି କାର୍ଯ୍ୟ କରିବା ପାଇଁ ଉଦ୍ୟମ ମଧ୍ୟ କରନ୍ତି । ତଥାପି ସେହି ଦୁଆରୁ କୌଣସି ଆଶାନୁରୂପ ସୁଫଳ ମିଳି ନଥାଏ । ତେଣୁ ସେମାନେ ଅଲ୍ଲାଃତାଲାଙ୍କୁ ଅଭିଯୋଗ କରନ୍ତି ଏବଂ କହନ୍ତି ଅଲ୍ଲାଃତାଲା ଆମର ଦୁଆ ସ୍ୱୀକାର କଲେ ନାହିଁ । ହ. ମସିହ ମଉଦ ଅ.ସ କହିଲେ ସେହି ବ୍ୟକ୍ତିମାନେ ପ୍ରଥମେ ମନେ ରଖନ୍ତୁ ଯେ, କ'ଣ ସେମାନେ ନିଜର ଦୁଆକୁ ଚୂଡ଼ାନ୍ତ ପର୍ଯ୍ୟନ୍ତ ପହାଞ୍ଚାଇଛନ୍ତି ଅବା ନୁହେଁ ? ଯଦି ସେମାନେ ଦୁଆ କରିବାରେ ଶେଷ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇଛନ୍ତି ଏବଂ ତଥାପି କୌଣସି ପରିଣାମ ବାହାରିଲା ନାହିଁ ତାହାହେଲେ ଏହା ଅଲ୍ଲାଃତାଲାଙ୍କ ହିକମତ୍ (ବିଶେଷ ନିୟତି) ଥିଲା ଏବଂ ତହିଁରେ ହିଁ ମନୁଷ୍ୟର ମଙ୍ଗଳ ସାଧିତ ହୋଇଥାଏ । ହ. ମସିହ ମଉଦ ଅ.ସ କହନ୍ତି ଜଣେ ପ୍ରକୃତ ଏବଂ ବିଶ୍ୱସ୍ତମୂଳକ କଥା ହେଉଛି ଯେ, ଅଲ୍ଲାଃତାଲା ଭକ୍ତମାନଙ୍କର ଦୁଆକୁ ସ୍ୱୀକାର କରନ୍ତି ଏବଂ ତାହାକୁ ସମ୍ମାନସୂଚକ ସ୍ୱୀକୃତି ଜଣାନ୍ତି । କିନ୍ତୁ ପ୍ରତ୍ୟେକକୁ ନୁହେଁ । କାରଣ ଆତ୍ମାର ଆବେଗତା ଯୋଗୁଁ ମଣିଷ ନିଜର ପରିଣାମକୁ ଦେଖିପାରି ନଥାଏ ସେ ଅପରିଣାଦର୍ଶୀ । କିନ୍ତୁ ଅଲ୍ଲାଃତାଲା ଯିଏ ପ୍ରାଣୀର ମଙ୍ଗଳକାରୀ ଓ ପରିଣାମଦର୍ଶୀ ସେ କ୍ଷତି ଏବଂ ଅପରିଣାମକୁ ଦୃଷ୍ଟିରେ ରଖି ଦୁଆକୁ ରଦ୍ଦ ମଧ୍ୟ କରି ଦିଅନ୍ତି ଏବଂ ଏହି ରଦ୍ଦ ହେବା ତା' ପାଇଁ ଦୁଆର ଗ୍ରହଣୀୟ ହେବା ଅଟେ ।

ଦୁଆ ଗ୍ରହଣୀୟ ହେବାର ସର୍ତ୍ତର ବ୍ୟାଖ୍ୟା କରି ହୁଜୁର ଅ.ସ କହନ୍ତି ଯେ, ଦୁଆ କରିବା ପାଇଁ ଏହା ଆବଶ୍ୟକ ଯେ, ଦୁଆକାରୀ ଅଲ୍ଲାଃତାଲାଙ୍କର ଭୟ ଏବଂ ତ୍ରାସକୁ ଦୃଷ୍ଟିରେ ରଖୁ । ସନ୍ଧି ସ୍ଥାପନ କରିବା ଏବଂ ଈଶ୍ୱର ଭକ୍ତିକୁ ନିଜର ରୀତିମତ ଅଭ୍ୟାସ କରୁ । ଧର୍ମପରାୟଣତା ଏବଂ ସତ୍ୟତା ଦ୍ୱାରା ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରୁ । ଅତଏବ ଏ ପରିପ୍ରେକ୍ଷୀରେ ଦୁଆ ପାଇଁ ସ୍ୱୀକୃତିର ଦ୍ୱାର ଉନ୍ମୁକ୍ତ ହେବ । ସେହିପରି ଦୁଆ ଗ୍ରହଣୀୟ ହେବା ପାଇଁ ଏହା ମଧ୍ୟ ଆବଶ୍ୟକ ଯେ, ମନୁଷ୍ୟ ନିଜର ବିଶ୍ୱାସ ଓ ଆସ୍ଥାକୁ ସୁଦୃଢ ତଥା ସକ୍ଷମ ହେଉ, ପୁଣ୍ୟ କର୍ମ ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚିତ ହେଉ । ହ. ମସିହ ମଉଦ ଅ.ସ କହନ୍ତି ଯେଉଁ ବ୍ୟକ୍ତି ନିଜ କର୍ମକୁ ଘେନି କୌଣସି କାର୍ଯ୍ୟ କରେ ନାହିଁ ସେ ଦୁଆ କରି ନଥାଏ । ବରଂ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ପରୀକ୍ଷା କରିଥାଏ । ଯେଉଁ ଲୋକମାନେ କହନ୍ତି ଯେ, ଯେତେବେଳେ ଦୁଆ କରିଦିଆ ଗଲା ତେବେ ସାଧନ ଏବଂ ଚେଷ୍ଟାର କୌଣସି ଆବଶ୍ୟକତା ନାହିଁ । ସେହି ଅବୋଧ ବ୍ୟକ୍ତି ଏହା ଚିନ୍ତା କରନ୍ତୁ ଯେ, ଦୁଆ ସ୍ୱୟଂ ଏକ ଗୁପ୍ତ ସାଧନ, ଯାହା ଅନ୍ୟ ବ୍ୟବସ୍ଥା ଓ ସାଧନମାନକୁ ସୃଷ୍ଟି କରିଥାଏ । **ଇୟାକା ନାବୁଦୁ ୱିୟାକା ନସ୍ତଇନ**ର ଯେଉଁ ଦୁଆମୂଳକ ଆୟତ ଅଟେ ତାହା ଏହି କଥା ପ୍ରତି ବିଶେଷ ଗୁରୁତ୍ୱାରୋପ କରୁଛି । ଅଲ୍ଲାଃତାଲାଙ୍କର ଦୁଇଟି ନାମ ଅଛି ଯଥା- **ଅଜ଼ିଜ୍** ଓ **ହକିମ୍** । **ଅଜ଼ିଜ୍** କହିଲେ ପ୍ରତ୍ୟେକ କାର୍ଯ୍ୟ କରିବାକୁ ବୁଝାଏ ଏବଂ **ହକିମ୍** କହିଲେ ପ୍ରତ୍ୟେକ କାର୍ଯ୍ୟକୁ କୌଣସି ସମୟାନୁସାରୀ ଏବଂ ଯଥାରୀତିରେ ସମ୍ପନ୍ନ କରିବା ।

ଧର୍ମପରାୟଣତା ହିଁ ଏଭଳି ବସ୍ତୁ ଯାହାକୁ ଧର୍ମର ସାରାଂଶ ଓ ମୂଳତତ୍ତ୍ୱ ବୋଲି କୁହାଯାଇପାରେ । କିନ୍ତୁ ଜଣେ ସତ୍ୟାନ୍ୱେଷୀ ବ୍ୟକ୍ତି ପ୍ରାରମ୍ଭିକ ସ୍ତର ଓ ପର୍ଯ୍ୟାୟକୁ ଅବିଚଳତା ଏବଂ ନୈଷ୍ଠିକତାର ସହିତ ଅତିକ୍ରମ କରେ ତାହାହେଲେ ସେ ସେହି ସତ୍ୟତା ଏବଂ ସତ୍ୟାନ୍ୱେଷଣ ଯୋଗୁଁ ହିଁ ଉଚ୍ଚ ସ୍ତରକୁ ପ୍ରାପ୍ତ କରି ନେଇଥାଏ । ଅଲ୍ଲାଃତାଲା କହନ୍ତି ଏବଂ ଅଲ୍ଲାଃତାଲାଙ୍କର ଏହି ପ୍ରତିଶୃତି ଯେ, **ଇନ୍ନଲ୍ଲାଃହା ଲା ୟୁଖଲିଫୁଲ୍ ମିଆଦ୍** । ଅର୍ଥାତ ବାସ୍ତବିକ ଅଲ୍ଲାଃତାଲା ନିଜର ପ୍ରତିଶୃତି କେବେ ଭଙ୍ଗ କରନ୍ତି ନାହିଁ ।

ପୁନଶ୍ଚ ହ. ମସିହ ମଉଦ୍ ଅ.ସ ପୁନଶ୍ଚ ଦୟାର ପ୍ରକାରଭେଦ ପ୍ରସଙ୍ଗରେ ଚର୍ଚ୍ଚା କରି କହନ୍ତି: ଦୟା ଦୁଇ କିସମର **ପ୍ରଥମତଃ** ଅଶେଷ ଦୟାମୟତା ଏବଂ **ଦ୍ୱିତୀୟତଃ** ସଦା କରୁଣାମୟତା । ଏହି ଦୁଇ ନାମରେ ଦୟା ନାମିତ ହୋଇଛି । ଦୟାମୟତା ଏଭଳି ଏକ କଲ୍ୟାଣମୟ ଉତ୍ସ ଯାହା ଆମର ଅସ୍ତିତ୍ୱ ଠାରୁ ମଧ୍ୟ ବହୁ ପୂର୍ବରୁ ଆକାଶ ଓ ପାତାଳ ସ୍ୱରୂପରେ

ଆରମ୍ଭ ହୋଇଥିଲା । **ଦ୍ୱିତୀୟତଃ ରହିମିୟତ୍ ଅର୍ଥାତ** ସଦା କରୁଣାମୟତା । ଅର୍ଥାତ ଆମେମାନେ ଯେତେବେଳେ କୌଣସି ବସ୍ତୁ ନିମନ୍ତେ ପ୍ରାର୍ଥନା କରୁ ସେତେବେଳେ ଅଲ୍ଲାଃତାଲା ଆମମାନଙ୍କୁ ସେହି ବସ୍ତୁ ପ୍ରଦାନ କରିଥାଆନ୍ତି । ଉକ୍ତ କଥାର ଅର୍ଥାତ ଭକ୍ତର ମାଗିବାର ପ୍ରୟୋଜନୀୟତା ଏବଂ ଅଲ୍ଲାଃତାଲାଙ୍କର ଗ୍ରହଣ କରିବାର ପ୍ରାସଙ୍ଗିକତାକୁ ପ୍ରତିପାଦନ କରି ହ. ମସିହ ମଉଦ ଅ.ସ କହନ୍ତି : ମାଗିବା ହେଉଛି ମନୁଷ୍ୟର ପ୍ରକୃତି ଏବଂ ଗ୍ରହଣ କରିବା ହେଉଛି ଅଲ୍ଲାଃତାଲାଙ୍କର ଗୁଣ । ଦେଖ ! ହ. ମସିହ ମଉଦ୍ ଅ.ସ କିପରି ତୁଣ୍ଡର ଉଦାହରଣ ଦେଉଛନ୍ତି । ସେହିପରି କର୍ଣ୍ଣର ଗଠନ ଶୈଳୀରେ ଯଦି ସାମାନ୍ୟ ତ୍ରୁଟି ବିଚ୍ୟୁତି ଘଟେ ତେବେ ମନୁଷ୍ୟ କାନକୁ କିଛି ଶୁଭି ନଥାଏ । ପ୍ରକୃତିର ନିୟମରେ ଦୁଆ ଗ୍ରହଣୀୟ ହେବାର ଅନେକ ନଜୀର (ଦୃଷ୍ଟାନ୍ତ) ମଧ୍ୟ ମହଜୁଦ୍ ରହିଛି ଏବଂ ଅଲ୍ଲାଃତାଲା ପ୍ରତ୍ୟେକ ଯୁଗରେ ଜୀବନ୍ତ ଉଦାହରଣ ମଧ୍ୟ ପ୍ରେରଣ କରିଥାନ୍ତି । ଏଣୁ **ଇହିଦିନସ୍ ସିରାତାଲ୍ ମୁସ୍ତକିମ୍-ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍** । ଦୁଆ ସପକ୍ଷରେ ନମାଜ଼ର ଗୁରୁତ୍ୱ ଏବଂ ଉପାଦେୟତା ତଥା ପ୍ରାସଙ୍ଗିକତା ସଂପର୍କରେ ବର୍ଣ୍ଣନା କରି ହ. ମସିହ ମଉଦ ଅ.ସ କହନ୍ତି ଯେ, ନମାଜ଼ର ପ୍ରକୃତ ଉଦ୍ଦେଶ୍ୟ ଦୁଆ ଅଟେ ଏବଂ ଦୁଆ କରିବା ଅଲ୍ଲାଃତାଲାଙ୍କ ପ୍ରକୃତିର ନିୟମାନୁଯାୟୀ ଯୁକ୍ତିଯୁକ୍ତ ଅଟେ ।

ହୁଜ୍ରୁର ଅନୱର ଅ.ବ କହିଲେ: ଏହି କେତେକ କଥା ମୁଁ ସେହି ମହାନ କୋଟିନିଧିରୁ ଉଦ୍ଧୃତ କରିଛି, ଯେଉଁ ମହତ୍ୱପୂର୍ଣ୍ଣ ଉପଦେଶ ହ. ମସିହ ମଉଦ ଅ.ସ ଆମମାନଙ୍କୁ ପ୍ରଦାନ କରିଛନ୍ତି । ଯଦ୍ୱାରା ଦୁଆର ଗୁରତ୍ୱତା, ତତ୍ତ୍ୱ, ଦୁଆ କରିବାର କୌଶଳ, ଦର୍ଶନଶାସ୍ତ୍ର ଆଦି ସଂପର୍କରେ କିଛି ନା କିଛି ଆଲୋକପାତ ହୋଇଥାଏ । ଯଦି ଆମେ ଏହାକୁ ହୃଦୟଙ୍ଗମକାରୀ ରୂପେ ବିବେଚିତ ହେଉ ତାହାହେଲେ ଆମେମାନେ ନିଜର ଜୀବନରେ ଏକ ମହା ବିପ୍ଳବ ଆଣି ପାରିବା। ତେବେ ଯାଇ ଆମେମାନେ ଅଲ୍ଲାଃତାଲାଙ୍କ ସହିତ ଏକ ବିଶିଷ୍ଟ ସଂପର୍କ ସ୍ଥାପନ କରିପାରିବା ଏବଂ ଅଲ୍ଲାଃତାଲାଙ୍କର କୃପାର ଅଧିକାରୀ ହୋଇପାରିବା ।

ଆପଣମାନେ ନିଜ ଭାଇମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ମୁଁ ପୂର୍ବେ ମଧ୍ୟ ଆପଣମାନଙ୍କୁ ଦୁଆ ପାଇଁ ଆହ୍ୱାନ ଜଣାଇ ଆସିଛି  ଯେ, ପାକିସ୍ତାନ ଏବଂ ଉପଦ୍ୱୀପରେ ବସବାସ କରୁଥିବା ଅହେମଦିଙ୍କ ପାଇଁ ହେଉ କି ପୃଥବୀର କୋଣ ଅନୁକୋଣରେ ବସବାସ କରୁଥିବା ଅହେମଦିଙ୍କ ପାଇଁ ହେଉ, ଯେଉଁମାନେ ନାନା ଅସୁବିଧା ଓ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେହି ସମସ୍ତ ଅହେମଦିମାନଙ୍କ ପାଇଁ ଦୁଆ କରନ୍ତୁ । ପାକିସ୍ତାନରେ ଦୈନନ୍ଦିନ କୌଣସି ନା କୌଣସି ଆଳରେ ଅହେମଦିମାନଙ୍କୁ କଷ୍ଟ ଦିଆଯାଉଛି । ସେମାନଙ୍କ ପାଇଁ ବିଶେଷ ରୂପେ ଦୁଆ କରିବା ଉଚିତ ।

ଏହି ସୂତ୍ରକୁ ସର୍ବଦା ସ୍ମରଣ ରଖିବା ଉଚିତ । ପର ପାଇଁ ଦୁଆ କରୁଥିବା ବ୍ୟକ୍ତି ପାଇଁ ଦେବଦୂତମାନେ ମଧ୍ୟ ପ୍ରାର୍ଥନା କରନ୍ତି ଏବଂ ଯେତେବେଳେ ଦେବଦୂତମାନଙ୍କ ଦୁଆ ପ୍ରସଙ୍ଗ ଚାଲିଛି ତେବେ ତାହା କିପରି ଲାଭଦାୟକ ବ୍ୟାପାର ଅଟେ । ତେଣୁ ଆପଣମାନେ କେବଳ ନିଜ ପାଇଁ ଦୁଆ କରନ୍ତୁ ନାହିଁ ବରଂ ଅନ୍ୟମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ଏଥି ନିମନ୍ତେ ଏହି ପବିତ୍ର ରମ୍‌ଜାନ୍ ମାସରେ ବିଶେଷ ରୂପେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍।

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜ୍ରୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.........................

KHULASA KHUTBA JUMA HUZOOR ANWAR a.b.a

16th April. 2021